ଭାରତୀୟ ଜୀବନ ବୀମା ନିଗମ ଏବଂ ଅନ୍ୟମାନେ

*ବନାମ*

କେନ୍ଦ୍ରୀୟ ଶିଳ୍ପ ନ୍ୟାୟାଧିକରଣ, ଜୟପୁର ଏବଂ ଅନ୍ୟମାନେ

ନଭେମ୍ବର 18,1996

[ଜେ.ଏସ୍. ବର୍ମା ଏବଂ ବି.ଏନ୍.କିରପାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଶ୍ରମ ଆଇନ :*

*ଶ୍ରମିକ—ଚାକିରିରୁ ବହିଷ୍କାର— ଆଦେଶକୁ ଆପତ୍ତି କରାଯାଇଛି—ଶିଳ୍ପ ନ୍ୟାୟାଧିକରଣଙ୍କ ସମ୍ମୁଖରେ ବିଚାରଧୀନ କାର୍ଯ୍ୟବିଧି, ଶ୍ରମିକଙ୍କ ମୃତ୍ୟୁ — ନ୍ୟାୟାଧିକରଣ, ଅଭିଯୋଗଗୁଡ଼ିକ ପ୍ରମାଣିତ ହୋଇଥିବା ଜାଣିପାରିଲେ କିନ୍ତୁ ଚାକିରିରୁ ବହିଷ୍କାର ତାରିଖଠାରୁ ଶ୍ରମିକଙ୍କ ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ମଜୁରୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ — ଦର୍ଶାଯାଇଛି, ଆର୍. ଥିରୁଭିରକୋଲମ୍ ଙ୍କ ମାମଲାରେ ଏହି ନ୍ୟାୟାଳୟଙ୍କର ରାୟକୁ ଦୃଷ୍ଟିରେ ରଖି, ଏହି ମାମଲାରେ ଚାକିରିରୁ ବହିଷ୍କାର ଆଦେଶ 12.12.1969 ତାରିଖରୁ କାର୍ଯ୍ୟକାରୀ ହୁଏ, ଯେତେବେଳେ ଏହା ନିଯୁକ୍ତିଦାତାଙ୍କ ଦ୍ୱାରା ଜାରି କରାଯାଇଥିଲା ଏବଂ ପରବର୍ତ୍ତୀ କୌଣସି ତାରିଖ ଠାରୁ ନୁହେଁ ।*

*ଆର୍. ଥିରୁଭିରକୋଲମ୍* **ବନାମ** *ପିଠାସୀନ ଅଧିକାରୀ ଏବଂ ଅନ୍ୟ ଜଣେ,* **[1997] 1 SCC 59, ଉପରେ ନିର୍ଭର କରିଥିଲେ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 8418/1994 ।

ଡି.ବି.ସି.ଏସ୍ (ରିଟ୍) ସଂଖ୍ୟା 477/1992 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର 27.4.94 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ହରିଶ ଏନ୍.ସାଲଭେ, କୈଳାସ ବାସଦେବ, କେ.କେ. ଶର୍ମା, ସୁଶ୍ରୀ ମୀନାକ୍ଷୀ ସଖାରଦଣ୍ଡେ ଏବଂ ସି.କେ. ଶଶି ।

ଉତ୍ତରଦାତାମାନଙ୍କ ପାଇଁ ଏମ୍.ଏନ୍. କୃଷ୍ଣମଣି ଏବଂ ସୁଦର୍ଶ ମେନନ୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ମାମଲାରେ ଜଡ଼ିତ ପ୍ରସଙ୍ଗ, ଦେୱାନୀ ଅପିଲ ସଂଖ୍ୟା 54/1993, *ଆର୍. ଥିରୁଭିରକୋଲମ୍ ବନାମ ପୀଠାସୀନ ଅଧିକାରୀ ଏବଂ ଅନ୍ୟଜଣେ* ଭଳି ସମାନ ଅଟେ । *ଆର୍. ଥିରୁଭିରକୋଲାମରେ* ଆଜି ଦିଆଯାଇଥିବା ରାୟରେ ଆମ ଦ୍ୱାରା ଦିଆଯାଇଥିବା କାରଣ ପାଇଁ, ଏହା ସ୍ଥିର କରାଯିବା ଉଚିତ ଯେ, ବର୍ତ୍ତମାନର ମାମଲାରେ ଚାକିରିରୁ ବହିଷ୍କାର ଆଦେଶ 12 ଡିସେମ୍ବର, 1969 ରୁ କାର୍ଯ୍ୟକାରୀ ହୋଇଥିଲା, ଯେତେବେଳେ ଏହା ନିଯୁକ୍ତିଦାତାଙ୍କ ଦ୍ୱାରା ଜାରି କରାଯାଇଥିଲା ଏବଂ ପରବର୍ତ୍ତୀ କୌଣସି ତାରିଖ ଠାରୁ ନୁହେଁ । ତେଣୁ, ମୃତକ ଶ୍ରମିକଙ୍କୁ ତାଙ୍କ ମୃତ୍ୟୁ ତାରିଖକୁ ଡିସେମ୍ବର 12,1969 ରୁ ଡିସେମ୍ବର 7,1987 ପର୍ଯ୍ୟନ୍ତ ମଜୁରୀ ପ୍ରଦାନ କରିବା ପାଇଁ ଆକ୍ଷେପିତ ରାୟରେ ଦିଆଯାଇଥିବା ନିର୍ଦ୍ଦେଶକୁ ରଦ୍ଦ କରାଯାଉଛି । ତଥାପି, ନ୍ୟାୟାଳୟଙ୍କର ମଧ୍ୟବର୍ତ୍ତୀକାଳୀନ ଆଦେଶ ଅଧୀନରେ ମୃତକ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ଦିଆଯାଇଥିବା 50,000 ଟଙ୍କା ସେମାନଙ୍କ ଦ୍ୱାରା ନିଯୁକ୍ତିଦାତାଙ୍କୁ ଫେରସ୍ତ କରିବାର ଆବଶ୍ୟକତା ନାହିଁ ।

ଫଳସ୍ୱରୂପ, ଉପରୋକ୍ତ ସର୍ତ୍ତାବଳୀରେ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ